# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**26 January – 2026**

## ପ୍ରେଜ୍‌-ଆଡ୍ରେସ୍ ଟୁ ନେସନ୍

ରାଷ୍ଟ୍ର ଆଜି ନ୍ୟାୟ, ସ୍ୱାଧୀନତା ଏବଂ ସମାନତା ଆଦର୍ଶର ୭୭ତମ ଗଣତନ୍ତ୍ର ଦିବସ ପାଳନ କରୁଛି । ୧୯୫୦ମସିହା ଆଜିର ଦିନରେ ଭାରତୀୟ ସମ୍ବିଧାନ ପ୍ରଣୟନ କରାଯାଇ ଦେଶରେ ଭାତୃତ୍ୱର ଭାବ ଏବଂ ସଂସ୍କୃତି ଓ ନୈତିକ ମୂଲ୍ୟାବୋଧ ଉପରେ ଆଧାରିତ ମାର୍ଗଦର୍ଶନ କରୁଛି । ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତି ଉଦ୍ଦେଶ୍ୟରେ ଗଣତନ୍ତ୍ର ଦିବସ ପାଳନ ଉତ୍ସବର ନେତୃତ୍ୱ ନେବେ । ସକାଳ ସାଢେ ୧୦ଟାରୁ ଆରମ୍ଭ ହୋଇ କର୍ତ୍ତବ୍ୟ ପଥରେ ଗଣତନ୍ତ୍ର ଦିବସ ପ୍ୟାରେଡ ପ୍ରାୟ ଦେଢ ଘଣ୍ଟା ଧରି ଚାଲିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମ ଆରମ୍ଭ ହେବ। କର୍ତ୍ତବ୍ୟପଥରୁ ଗଣତନ୍ତ୍ର ଦିବସ ସମାରୋହ ସିଧା ପ୍ରସାରଣ ସକାଳ ୯ଟା ୨୫ମିନିଟରୁ ଦୂରଦର୍ଶନ ନେଟୱାର୍କରେ ପ୍ରସାରିତ ହେବ ।

ଚଳିତବର୍ଷ ପରେଡ୍‌ରେ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋସ୍ତା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର ଲିୟେନ୍ ମୁଖ୍ୟଅତିଥି ଭାବେ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ଯୋଗ ଦେବେ ।

ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ, କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟର ୩୦ଟି ପ୍ରଜ୍ଞାପନ ମେଢ ପରେଡରେ ପ୍ରଦର୍ଶିତ ହେବ। ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତିର ସ୍ୱତନ୍ତ୍ର ଗାନ ଏବଂ ବିଭିନ୍ନ କ୍ଷେତ୍ରରେ ଭାରତର ଦ୍ରୁତ ପ୍ରଗତି ସମ୍ପର୍କିତ ଦୃଶ୍ୟ ଏହି ପ୍ରଜ୍ଞାପନ ମେଢ଼ରେ ସ୍ଥାନ ପାଇବ। ତିନିବାହିନୀ ପକ୍ଷରୁ 'ଅପରେସନ୍ ସିନ୍ଦୂର : ମିଳିତ ଉଦ୍ୟମରେ ବିଜୟ' ସମ୍ପର୍କରେ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହେବ ।ଚଳିତବର୍ଷ ଗଣତନ୍ତ୍ର ଦିବସର ବିଷୟବସ୍ତୁ ରହିଛି 'ସ୍ୱତନ୍ତ୍ରତାର ମନ୍ତ୍ର : ବନ୍ଦେ ମାତରମ୍' ।

# ଗଣତନ୍ତ୍ର ଦିବସ-୨

ଗଣତନ୍ତ୍ର ଦିବସ ପାଳନ ଦେଶବାସୀଙ୍କ ମଧ୍ୟରେ ରାଷ୍ଟ୍ରୀୟ ଏକତା ଓ ଗୌରବ ଭାବନାକୁ ମଜବୁତ କରିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ୭୭ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଗତକାଲି ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ବିଶ୍ୱରେ ଅନିଶ୍ଚିତତା ସତ୍ତ୍ୱେ ଦେଶର ଆର୍ଥିକ ବିକାଶ ନିରନ୍ତରଭାବେ ଅଗ୍ରସର ହେଉଛି । ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ, ଶିକ୍ଷା, ସୁରକ୍ଷା ଏବଂ ଆର୍ଥିକ ସଶକ୍ତିକରଣ କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରୀ ବୃଦ୍ଧି ପାଇଛି । 'ରାଷ୍ଟ୍ର ପ୍ରଥମ' ମନୋଭାବ ନେଇ କାର୍ଯ୍ୟ କରି ଗଣତନ୍ତ୍ରଙ୍କୁ ଗୌରବଶାଳୀ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

# ପିଏମ୍.-ବାର୍ତ୍ତା

ସମ୍ବିଧାନର ନିହିତ ଭାବନା ହେଉଛି, ଆମେ ନାଗରିକମାନେ । ସବ୍‌କା ପ୍ରୟାସ ମନ୍ତ୍ର ନେଇ ଦେଶକୁ ଆଗକୁ ଅଗ୍ରସର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ସାଧାରଣତନ୍ତ୍ର ଦିବସ ପାଳନରେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଓଡିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଦିବସରେ ରାଜ୍ୟବାସୀ ସଂକଳ୍ପ ନେବା ଲାଗି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ତାଙ୍କ ବାର୍ତ୍ତାରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମ୍ବିଧାନ ଦିବସ ପାଳନ ବାର୍ତ୍ତାରେ କହିଛନ୍ତି, ସମ୍ବିଧାନର ମୂଲ୍ୟବୋଧକୁ ଆଧାର କରି ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢାଇବା ସହିତ ୨୦୩୬ ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

## ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଆଜି ସକାଳ ସାଢେ ୮ଟାରେ ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ଅନୁଷ୍ଠିତ ହେବ । ରାଜ୍ୟପାଳ ହରିବାବୁ କମ୍ଭମପାଟି ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ ।

## ପଦ୍ମ ପୁରସ୍କାର

ଦେଶର ସମ୍ମାନଜନକ ପଦ୍ମପୁରସ୍କାର-୨୦୨୬ ଘୋଷଣା କରାଯାଇଛି । ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ

ଚଳିତବର୍ଷ ୧୩୧ଜଣଙ୍କୁ ପଦ୍ମ ପୁରସ୍କାର ଲାଗି ମନୋନୀତ କରାଯାଇଛି । ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ପଦ୍ମ ବିଭୂଷଣ, ୧୩ଜଣଙ୍କୁ ପଦ୍ମଭୂଷଣ ଏବଂ ୧୧୩ଜଣଙ୍କୁ ପଦ୍ମଶ୍ରୀ ଉପାଧିଲାଗି ଚୟନ କରାଯାଇଛି । ସେଥିମଧ୍ୟରୁ ୧୯ଜଣ ମହିଳା ଏବଂ ୧୬ଜଣଙ୍କୁ ମରଣୋତ୍ତରଭାବେ ଏହି ପୁରସ୍କାର ପ୍ରଦାନ କରାଯିବ ।

ଏହି ମର୍ଯ୍ୟାଦାଜନକ ପୁରସ୍କାର ଓଡିଶାର ସାହିତ୍ୟ, ଶିକ୍ଷା ଓ କଳା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ୪ଜଣ ବ୍ୟକ୍ତିଙ୍କୁ ଏହି ପୁରସ୍କାର ଲାଗି ମନୋନୀତ କରାଯାଇଛି । ସେମାନେ ହେଲେ ମହେନ୍ଦ୍ର କୁମାର ମିଶ୍ର, ଚରଣ ହେମ୍ବ୍ରମ, ଶରତ କୁମାର ପାତ୍ର ଏବଂ ସୀମାଞ୍ଚଳ ପାତ୍ର । ଜୀବନବ୍ୟାପୀ କଳା ପାଇଁ ସମର୍ପିତ ପ୍ରଖ୍ୟାତ ପ୍ରହ୍ଲାଦ ନାଟକ ଗୁରୁ ସୀମାଞ୍ଚଳ ପାତ୍ର ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହେବା ପରେ ତାଙ୍କ ପ୍ରତିକ୍ରିୟାରେ ଆକାଶବାଣୀକୁ କହିଛନ୍ତି-

**-V/O-**

# ନିର୍ବାଚନ ପ୍ରକ୍ରିୟା

ନିର୍ଦ୍ଧାରିତ ସମୟରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ କରାଯିବ ବୋଲି ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢୀ କହିଛନ୍ତି । ପଞ୍ଚାୟତର ୫ବର୍ଷ କାର୍ଯ୍ୟକାଳ ଅବଧି ପୂର୍ଣ୍ଣ ପରେ ନିର୍ବାଚନ କରାଯିବ । ଶ୍ରୀ ପାଢୀ କହିଛନ୍ତି, ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

# ଆଦିବାସୀ ମେଳା

ବାର୍ଷିକ ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୨୬ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଆଦିବାସୀ ପଡିଆରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ । ଏହି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ପଦକ-ଗଣତନ୍ତ୍ର ଦିବସ

ଗଣତନ୍ତ୍ର ଦିବସ ଅବସରରେ ପୁଲିସ୍, ଅଗ୍ନିଶମ, ଗୃହରକ୍ଷୀ ଏବଂ ବେସାମରିକ ପ୍ରତିରକ୍ଷା ସେବାର ମୋଟ୍, ୯୮୨ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ସେବା ପଦକ ପାଇଁ ମନୋନିତ କରାଯାଇଛି । ଏଥିରେ ଓଡ଼ିଶାର ମୋଟ୍ ୪ ଜଣଙ୍କୁ ସାହସିକତା ପଦକ, ୨ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯିବ ।